## ସଂକ୍ଷେପରେ

### ଆଦୃତରୁ ଶିଶୁ ଫେରାର

**ଅନୁଗୋଳ ଅଫିସ, ୩୦।୫:** ଅନୁଗୋଳ ପଞ୍ଚମହଲାଠାରେ ଥିବା ଆଦୃତ ଛାତ୍ରାବାସରୁ ଜଣେ ୧୩ ବର୍ଷର ଛାତ୍ର ଫେରାର ହୋଇଯାଇଥିବା ସୂଚନା ମିଳିଛି। ତାଙ୍କ ନାମ ରଙ୍ଗ କିଷାନ ବୋଲି ଜଣାପଡ଼ିଛି। ସକାଳ ସାଢ଼େ ୫ଟାରେ ଛାତ୍ରାବାସର କର୍ମଚାରୀ ରଙ୍ଗଙ୍କୁ ଦେଖିବାକୁ ପାଇ ନ ଥିଲେ। ଏନେଇ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ଅନୁଗୋଳ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି।

### ଅଂଶୁଘାତରେ ମୃତ୍ୟୁ ଅଭିଯୋଗ

**ବଇଣ୍ଡା,୩୦।୫(ଡି.ଏନ.ଏ.):** ହଣ୍ଡପା ଥାନା ନାକିଚି ଗ୍ରାମର ସୁରୁଚି ରଣା(୫୮)ଙ୍କ ଗୁରୁବାର ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସୁରୁଚି ଅପରାହ୍ଣରେ ଘର ବାରଣ୍ଡାରେ କାମ କରୁଥିବାବେଳେ ହଠାତ୍ ଅଚେତ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ବୁର୍ଲା ବଡ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

### ଅବକାରୀ ଚଢ଼ାଉ, ୩ ଗିରଫ

**ବଇଣ୍ଡା, ୩୦।୫(ଡି.ଏନ.ଏ.):** ଆଠମଲ୍ଲିକ ଅବକାରୀ ବିଭାଗ ଗୁରୁବାର ଠାକୁରଗଡ଼ ଥାନା ଗୋପୀନାଥପୁର ଗ୍ରାମରେ ଚଢ଼ାଉ କରି ୪୦ ଲିଟର ଦେଶୀ ମଦ ଜବତ କରିଛି। ଘଟଣାରେ ନରେନ୍ଦ୍ର ବେହେରା, ସୁମିତ୍ରା ମାଝି, ଶୁକଦେବ ପ୍ରଧାନଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ଚୋରାରେ ମଦ କାରବାର କରୁଥିବା ଖବରପାଇ ଅବକାରୀ ଇନ୍ସପେକ୍ଟର ସୁମତି ତ୍ରିପାଠୀ, ସବ୍‌ଇନ୍ସପେକ୍ଟର ପ୍ରଫୁଲ୍ଲ କୁମାର ପତି, ରମାକାନ୍ତ ଚାନ୍ଦ, ଅରୁଣ କୁମାର ଚାଉଳିଆ ପ୍ରମୁଖ ଚଢ଼ାଉ କରିଥିଲେ।

### ■ସୁରଟ ଅଗ୍ନିକାଣ୍ଡ ପରେ ପଶିଛି ଚେତା

# ୧୨ କୋଚିଂ ସେଣ୍ଟରକୁ ଅଗ୍ନିଶମ ବିଭାଗର ନୋଟିସ

■ଜିଲାରେ କେତୋଟି ଚାଲିଛି ହିସାବ ନାହିଁ
■ଆବେଦନ ପରେ ହେବ ଅଗ୍ନି ନିରାପତ୍ତା ଯାଞ୍ଚ
■ବହୁତଳ କୋଠା ମାଲିକଙ୍କୁ ବି କରାଯାଇଛି ନୋଟିସ

**ଅନୁଗୋଳ ଅଫିସ, ୩୦।୫**

ସୁରଟର ଏକ ଘରୋଇ କୋଚିଂ ସେଣ୍ଟରରେ ଅଗ୍ନିକାଣ୍ଡ ଘଟି ୨୨ ଛାତ୍ରୀଛାତ୍ରଙ୍କ ଜୀବନ ଯିବା ପରେ ଏବେ ଓଡ଼ିଶାରେ ଥିବା କୋଚିଂ ସେଣ୍ଟରଗୁଡ଼ିକରେ ଅଗ୍ନି ନିରାପତ୍ତା ଯାଞ୍ଚ ଆରମ୍ଭ ହୋଇଛି। ଏହି କ୍ରମରେ ଅନୁଗୋଳ ସହରରେ ଥିବା କୋଚିଂ ସେଣ୍ଟରଗୁଡ଼ିକ ମଧ୍ୟରୁ ୧୨ଟି ସେଣ୍ଟରକୁ ଇତିମଧ୍ୟରେ ଅଗ୍ନିଶମ ବିଭାଗ ପକ୍ଷରୁ ନୋଟିସ କରାଯାଇଥିବା ସୂଚନା ମିଳିଛି। ଜିଲାରେ ଏପରି କେତୋଟି ସେଣ୍ଟର ଚାଲିଛି ସେ ନେଇ ବିଭାଗ ନିକଟରେ ତଥ୍ୟ ନ ଥିଲେ ବି ପର୍ଯ୍ୟାୟକ୍ରମେ ତାହା ଅନୁଧ୍ୟାନ କରାଯାଇ ନୋଟିସ କରାଯିବ ବୋଲି ଅଗ୍ନିଶମ ଅଧିକାରୀ ସର୍ବେଶ୍ୱର ବରାଳ ପ୍ରକାଶ କରିଛନ୍ତି।

ଅନୁଗୋଳ ଜିଲାରେ ଚାଲିଛି ମାଳ ମାଳ କୋଚିଂ ସେଣ୍ଟର। ପୂର୍ବରୁ ଅନେକ କୋଚିଂ ସେଣ୍ଟରଗୁଡ଼ିକ ଅଗ୍ନିଶମ ବିଭାଗଠାରୁ ଅନୁମତି ନେଇ ନାହାନ୍ତି। ଏପରି କି ଅଗ୍ନି ନିରାପତ୍ତା ସାମଗ୍ରୀ ରଖିବା ସମ୍ପର୍କରେ ମଧ୍ୟ ମାଲିକମାନେ ଅଜ୍ଞ। କେତେକ ସେଣ୍ଟରକୁ ଅଗ୍ନିଶମ ବିଭାଗ ପକ୍ଷରୁ ନୋଟିସ ପରେ ମାଲିକମାନେ ଏପରି ନିୟମ ଓ ସାମଗ୍ରୀ ସମ୍ପର୍କରେ ଏବେ ଜାଣିବାକୁ ପାଉଛନ୍ତି। ଏପରି ସ୍ଥିତିରେ ମିଶ୍ରପଡା, ଅମଲାପଡ଼ା, ତାମ୍ରିତ କଲୋନୀ, ଅଦ୍ୱୈତନଗର, ଶିମିଳିପଡ଼ା ସମେତ ସହରର ବିଭିନ୍ନ ସ୍ଥାନରେ ଥିବା ୧୨ଟି କୋଚିଂ ସେଣ୍ଟରକୁ ନୋଟିସ କରାଯାଇସାରିଛି ବୋଲି ଜିଲା ଅଗ୍ନିଶମ ଅଧିକାରୀ ବରାଳ ପ୍ରକାଶ କରିଛନ୍ତି। ଏଥିସହ ସେ କହିଛନ୍ତି ଯେ, ଆମ ପାଖରେ ଜିଲାର ସମସ୍ତ କୋଚିଂ ସେଣ୍ଟରର ତାଲିକା ନାହିଁ। ତାଲିକା ପାଇବା ପାଇଁ ଉଦ୍ୟମ ଜାରି ରହିଛି। କୋଚିଂ ସେଣ୍ଟରକୁ ଅଗ୍ନି ସୁରକ୍ଷା ଅନୁମତି ପ୍ରମାଣପତ୍ର ପାଇଁ ଆବେଦନ କରିବାକୁ ନୋଟିସ୍ ଦିଆଯାଇଛି। ସପ୍ତାହକ ମଧ୍ୟରେ ସବୁ ସେଣ୍ଟରକୁ ନୋଟିସ୍ ଯିବ। ସେମାନେ ଆବେଦନ କରିବା ମାତ୍ରେ ଆନୁସଙ୍ଗିକ ବ୍ୟବସ୍ଥା ଅନୁଧ୍ୟାନ କରି ଅତିଶୀଘ୍ର ପ୍ରମାଣପତ୍ର ପ୍ରଦାନ କରାଯିବ। ଏଥିସହ ସେମାନଙ୍କ ବିଲ୍ଡିଂ ଦେଖିବା ପରେ ଆବଶ୍ୟକ ଅନୁସାରେ ଅଗ୍ନି ନିର୍ବାପକ ଯନ୍ତ୍ର ସହ ସମସ୍ତ ଉପକରଣ ବ୍ୟବସ୍ଥା କରିବାକୁ କୁହାଯିବ। କୋଚିଂ ସେଣ୍ଟର ସହିତ ଜିଲାରେ ଥିବା ବହୁତଳ କୋଠା ମାଲିକମାନଙ୍କୁ ମଧ୍ୟ ନୋଟିସ୍ କରାଯାଇଛି। ସହରର ବିଭିନ୍ନ ଗଳି କନ୍ଦିରେ କୋଚିଂ ସେଣ୍ଟର ଖୋଲାଯାଇଥିବାରୁ ଏହାକୁ ଚିହ୍ନଟ କରିବା ମୁସ୍କିଲ ହୋଇପଡୁଛି। ଆମ କର୍ମଚାରୀମାନେ ଏହାକୁ ଠାବ କରି ମାଲିକମାନଙ୍କୁ ନୋଟିସ ପ୍ରଦାନ କରୁଥିବା ସେ କହିଛନ୍ତି।

# କାଳବୈଶାଖୀରେ ସ୍କୁଲ କ୍ଷତିଗ୍ରସ୍ତ



**ଛେଣ୍ଡିପଦା, ୩୦।୫(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ପରଙ୍ଗ ପଞ୍ଚାୟତ ଭୁବନପୁର ଗ୍ରାମରେ ଗତ ମଙ୍ଗଳବାର କାଳବୈଶାଖୀରେ ସରକାରୀ ପ୍ରାଥମିକ ବିଦ୍ୟାଳୟର ଆଜବେଷ୍ଟସ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ୧୯୭୧ରେ ନିର୍ମିତ ଏହି ବିଦ୍ୟାଳୟରେ ୨ଟି ଛାତ ଓ ୨ଟି ଆଜବେଷ୍ଟସ ଶ୍ରେଣୀ ଗୃହ ରହିଛି। ଗୋଟିଏ ଛାତ ଘରୁ ପାଣି ଗଳୁଥିବାବେଳେ ଏବେ ଆଉ ଦୁଇ ଶ୍ରେଣୀଗୃହ କ୍ଷତିଗ୍ରସ୍ତ ହେବାଯୋଗୁ ପାଠ ପଢାରେ ସମସ୍ୟା ହେବ ବୋଲି ଅଭିଭାବକମାନେ ପ୍ରକାଶ କରିଛନ୍ତି। ବହୁ ପୁରାତନ ଏହି ସ୍କୁଲର ମରାମତି ତଥା ଆବଶ୍ୟକ ଶିକ୍ଷକ ନିଯୁକ୍ତି ହେଉ ନ ଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ବିଦ୍ୟାଳୟରେ ୯୧ ଛାତ୍ରୀଛାତ୍ର ଥିବାବେଳେ ମାତ୍ର ୩ ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ବହୁ ଅନୁରୋଧ ଅଭିଯୋଗ ପରେ ଏକ ଘରୋଇ କମ୍ପାନୀ ପକ୍ଷରୁ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିଲା। ହେଲେ କିଛି ଦିନ ପରେ ଉକ୍ତ ଶିକ୍ଷକଙ୍କ ନିଯୁକ୍ତି ବାତିଲ କରିଦିଆଯାଇଛି। ଏ ସବୁ ସମସ୍ୟାର ତୁରନ୍ତ ସମାଧାନ ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ୟୁନିକ୍ ଟ୍ୟାଲେଣ୍ଟ ହଣ୍ଟ ଉଦ୍‌ଘାଟିତ

**ଅନୁଗୋଳ ଅଫିସ, ୩୦।୫**

ଅନୁଗୋଳ ବଜାର ଛକରେ ସାଂସ୍କୃତିକ ଅନୁଷ୍ଠାନ ୟୁନିକ୍ ଟ୍ୟାଲେଣ୍ଟ ହଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଛି। ଏହି ଅନୁଷ୍ଠାନରେ ଇଚ୍ଛୁକ ଯୁବତୀ ଯୁବକ ଓ ପିଲାମାନଙ୍କୁ ନୃତ୍ୟ, ସଙ୍ଗୀତ, କଳା ଏବଂ ଚିତ୍ରାଙ୍କନ ଆଦି ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ଅନୁଷ୍ଠାନର ମନୋଜ କୁମାର ମହାପାତ୍ର ସୂଚନା ଦେଇଛନ୍ତି। ମୁଖ୍ୟଅତିଥି ଭାବେ ବିଜେଡିର ବରିଷ୍ଠ ନେତା ଡ. ପ୍ରସନ୍ନ କୁମାର ପାଟ୍ଟଶାଣୀ, କଳାକାର ରୋସିନା ସାଏ, ସଙ୍ଗୀତ ନିର୍ଦ୍ଦେଶକ ବ୍ରଜେନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବର୍ଷକୁ ତିନୋଟି ଅନାଥ ଆଶ୍ରମ ଓ ଗ୍ରାମାଞ୍ଚଳରୁ ପ୍ରତିଭା ଅନ୍ୱେଷଣ କରି ସେମାନଙ୍କୁ ବିନା ଦେୟରେ ଏଠାରେ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ମହାପାତ୍ର ସୂଚନା ଦେଇଛନ୍ତି।



# ଯୁବକ ନିଖୋଜ, ଥାନାରେ ଅଭିଯୋଗ

**ତାଳଚେର,୩୦।୫(ନି.ପ୍ର.)**

ବିକ୍ରମପୁର ଥାନା ତେହେରାନପୁର ଗ୍ରାମର ବାଲାରସେନ ନାଏକଙ୍କ ପୁଅ ସୁନୀଲ ନାଏକ (୨୭) ଓରଫ ଲିଟୁ ୪ଦିନ ହେଲା ନିଖୋଜ ହୋଇଯାଇଛନ୍ତି। ୨୭ ତାରିଖ ସକାଳ ୮ଟା ବେଳେ ଲିଟୁ ଓ ତାଙ୍କ ସ୍ତ୍ରୀ ବଅଁରପାଳ ଜଗନ୍ନାଥ ମନ୍ଦିରକୁ ଦର୍ଶନ କରିବାକୁ ଯାଇଥିଲେ। ତାଙ୍କ ସ୍ତ୍ରୀ ମନ୍ଦିର ଭିତରେ ଥିବାବେଳେ ଲିଟୁ ବାହାରକୁ ଭୋଗ କିଣିବାକୁ ଆସିଥିଲେ। ଦୀର୍ଘ ସମୟ ଧରି ସେ ନ ଫେରିବାରୁ ତାଙ୍କ ସ୍ତ୍ରୀ ବାହାରକୁ ଆସି ଖୋଜାଖୋଜି କରିଥିଲେ ହେଁ ପାଇ ନ ଥିଲେ। ପରେ ଏ ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ୪/୫ ଜଣ ଯୁବକ ଏକ ଗାଡିରେ ଲିଟୁଙ୍କୁ ନେଇ ପଳାଇ ଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ତେବେ ଅଭିଯୋଗର ୪ ଦିନ ପରେ ବି ପୋଲିସ କୌଣସି ତତ୍ପରତା ଦେଖାଉ ନାହିଁ ବୋଲି ଲିଟୁଙ୍କ ମା’ ଅମୂଲ୍ୟ ନାଏକ ଅଭିଯୋଗ କରିଛନ୍ତି। ପୋଲିସ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସେ ନିବେଦନ କରିଛନ୍ତି । ଘଟଣାର ତଦନ୍ତ ଚାଲିଛି ବୋଲି ଆଇଆଇସି ଡି. ନାୟକ ପ୍ରକାଶ କରିଛନ୍ତି।

# ପାଉଁଶ ଉଡ଼ିବାକୁ ନେଇ ଅସନ୍ତୋଷ

**କଣିହାଁ/ପବିତ୍ରନଗର, ୩୦।୫(ଡି.ଏନ.ଏ.)**

କାଳବୈଶାଖୀ ଯୋଗୁ ଏନ୍‌ଟିପିସି ପାଉଁଶ ପୋଖରୀରୁ ଗୁରୁବାର ପ୍ରବଳ ମାତ୍ରାରେ ପାଉଁଶ ଓ କୋଇଲା ଗୁଣ୍ଡ ଉଡି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଖବରଲେଖା ହେବା ବେଳକୁ ୧୦ରୁ ଅଧିକ ପଞ୍ଚାୟତରେ ପାଉଁଶ ଉଡିବା ଜାରି ରହିଥିଲା। ବାରମ୍ବାର ଦାବି ଆପତ୍ତି ସତ୍ତ୍ୱେ ଏନ୍‌ଟିପିସି, ଏମ୍‌ସିଏଲ କର୍ତ୍ତୃପକ୍ଷ ଏହାର ପ୍ରତିକାର ବ୍ୟବସ୍ଥା କରୁ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହାର ପ୍ରତିକାର ବ୍ୟବସ୍ଥା କରା ନ ଗଲେ ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଆଇନଜୀବୀ ଦେବଦତ୍ତ ପ୍ରଧାନ, ଲୋକ ପ୍ରତିନିଧି ଦେବେନ୍ଦ୍ର ବାରିକ, ବିଜୟ ପ୍ରଧାନ, ଲୋକନାଥ ସାହୁ ପ୍ରମୁଖ ପ୍ରକାଶ କରିଛନ୍ତି। ସେହିପରି କାଳବୈଶାଖୀ ଯୋଗୁ ବହୁ ସ୍ଥାନରେ ଗଛ ଉପୁଡିବା ସହ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯାଇଛି। ଫଳରେ ବିଭିନ୍ନ ପଞ୍ଚାୟତକୁ ଯାଇଥିବା ରାସ୍ତା ଅବରୋଧ ହେବା ସହ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଯାଇଛି। ସନ୍ଧ୍ୟା ପ୍ରାୟ ୭ଟାରେ ବିରୁ, ବୁରୁକୁନା, କର୍ଣ୍ଣପାଳ ଆଦି ପଞ୍ଚାୟତରେ ପ୍ରବଳ ବେଗରେ ପବନ ବହିବା ସହ ବର୍ଷା ହୋଇଥିଲା। ବିରୁ ପଞ୍ଚାୟତ ରାସ୍ତାରେ ପଡିଥିବା ଗଛଗୁଡିକୁ ସ୍ଥାନୀୟ ଲୋକେ ମିଶି ହଟାଇଥିଲେ। ପରାବିଲରୁ ବୁରୁକୁନାକୁ ଯାଇଥିବା ଆର୍‌ଡି ରୋଡ୍‌ର ଗୌଣିଘଷାଠାରେ ଏକ ୧୧ କେଭି ବିଦ୍ୟୁତ୍ ଖୁଣ୍ଟ ପଡିରହିଛି। ଫଳରେ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଛି। ପବନରେ ବହୁ ଚାଳ ଛପର ମଧ୍ୟ ଉଡିଯାଇଛି।

# ସିଲ୍ ହେଲା ଇଭିଏମ୍, ଭିଭିପିଏଟି

**ଅନୁଗୋଳ ଅଫିସ, ୩୦।୫**

ନିର୍ବାଚନରେ ବ୍ୟବହାର ହୋଇଥିବା ୧୧୬୩ଟି କଣ୍ଟ୍ରୋଲ ୟୁନିଟ୍, ୧୧୬୩ ବାଲଟ୍ ୟୁନିଟ୍ ଓ ୧୧୬୩ଟି ଭିଭିପିଏଟିକୁ ଗୁରୁବାର ସୌଭାଗ୍ୟନଗରସ୍ଥିତ ଗୃହରକ୍ଷୀ କାର୍ଯ୍ୟାଳୟ ପାର୍ଶ୍ୱରେ ନବ ନିର୍ମିତ ସ୍ୱତନ୍ତ୍ର ଗୃହରେ ସିଲ୍ କରାଯାଇଛି। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ ଓ ରାଜନୈତିକ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ଇଭିଏମ୍ ଓ ଭିଭିପିଏଟିକୁ ସିଲ୍ କରାଯାଇ ସୁରକ୍ଷିତ ଭାବେ ରଖାଯାଇଥିଲା। ସୁରକ୍ଷା ପାଇଁ ୧୨ଟି କୋଠରିର ବିଦ୍ୟୁତ ସଂଯୋଗ କଟାଯିବା ସହ ସୁରକ୍ଷାକର୍ମୀ ମୁତୟନ କରାଯାଇଛି। ବୁଧବାର ଜିଲାପାଳ ମନୋଜ କୁମାର ମହାନ୍ତି ୭ଟି ଗୃହର ସିଲ୍ କାର୍ଯ୍ୟକୁ ତଦାରଖ କରିଥିବାବେଳେ ଗୁରୁବାର ଅତିରିକ୍ତ ଜିଲାପାଳ ଓ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅବଶିଷ୍ଟ ୫ଟି କୋଠରିର ସିଲ୍ କାର୍ଯ୍ୟ ତଦାରଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ବୈତୁରା ଦୀପ୍, ଡେପୁଟି କଲେକ୍ଟର (ନିର୍ବାଚନ) ଲମ୍ବୋଦର ମାରାଣ୍ଡି, ଜିଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନର ଡିପିଓ ପ୍ରଦୋଷ କୁମାର ଶତପଥୀ, ବିଜୁ ଜନତା ଦଳର ପ୍ରିୟଦର୍ଶୀ ପଟ୍ଟନାୟକ ଓ ବହୁଜନ ସମାଜ ପାର୍ଟିର କୁମୁଦ ଚନ୍ଦ୍ର ନାୟକଙ୍କ ସମେତ ସୁରକ୍ଷା କର୍ମୀମାନେ ଉପସ୍ଥିତ ଥିଲେ। ୨ ଏକର ୩୦ ଡେସିମିଲ୍ ଜାଗାରେ ନିର୍ମିତ ଏହି ଷ୍ଟ୍ରଙ୍ଗରୁମ୍ ପାଇଁ ନିର୍ବାଚନ କମିଶନ ୩ କୋଟି ୨୦ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଆସନ୍ତା ନିର୍ବାଚନ ସମୟରେ ଏହି ସ୍ଥାନରେ ଷ୍ଟ୍ରଙ୍ଗରୁମ୍ ସହ ଭୋଟ ଗଣନା କେନ୍ଦ୍ର ପ୍ରତିଷ୍ଠା କରାଯିବାର ପ୍ରସ୍ତାବ ରହିଛି।


ଇଭିଏମ୍ ଓ ଭିଭିପିଏଟି ସିଲ୍‌ର ତଦାରଖ କରୁଛନ୍ତି ପ୍ରଶାସନିକ ଅଧିକାରୀ।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ